# NATIONAL NEWS BULLETIN (ODIA)
## 8 February - 2025
## Evening Bulletin : 7.15 P.M.

******************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିପୁଳ ବିଜୟ ।
- ପ୍ରଧାନମନ୍ତ୍ରୀ ଆସନ୍ତା ସୋମବାର ଠାରୁ ଫ୍ରାନ୍ସ ଓ ଆମେରିକା ଗସ୍ତରେ ଯିବେ ।
- ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ।
- ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ଇସ୍ରାଏଲ୍‌ର ୩ ପଣବନ୍ଦୀ ଏବଂ ପାଲେଷ୍ଟାଇନ୍‌ର ୧୨ କଏଦୀ ହେଲେ ମୁକ୍ତ ।

ଏବଂ

- ଭାରତ-ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ ଆସନ୍ତାକାଲି ।

# ଦିଲ୍ଲୀ-ରେଜଲ୍ଟ

ପ୍ରାୟ ତିନି ଦଶନ୍ଧି ପରେ ଭାରତୀୟ ଜନତା ପାର୍ଟି ଦିଲ୍ଲୀରେ ସରକାର ଗଠନ କରିବାକୁ ଯାଉଛି । ମିଳିଥିବା ସୂଚନା ଅନୁସାରେ ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭାର ୬୬ଟି ଆସନର ଫଳାଫଳ ଘୋଷଣା ହୋଇଛି । ସେଥିମଧ୍ୟରୁ ବିଜେପି ୪୫ଟି ଆସନରେ ବିଜୟୀ ହୋଇଥିବା ବେଳେ ୩ଟି ଆସନରେ ଆଗୁଆ ରହିଛି । ସେହିପରି ଆମ୍ ଆଦମୀ ପାର୍ଟି ୨୧ଟି ଆସନରେ ବିଜୟ ଲାଭ କରିଥିବା ବେଳେ ୧ଟି ଆସନରେ ଆଗୁଆ ରହିଥିବା ସୂଚନା ମିଳିଛି । କଂଗ୍ରେସ ଏହି ନିର୍ବାଚନରେ କୌଣସି ଆସନରେ ଜିତିପାରି ନାହିଁ ।

ବିଜେପିର ପ୍ରମୁଖ ବିଜେତା ମଧ୍ୟରୁ ନୂଆଦିଲ୍ଲୀ ଆସନରେ ପ୍ରଭେଶ ସାହିବ ସିଂହ, ଜୁଙ୍ଗପୁରାରୁ ତରବିନ୍ଦର ସିଂହ ମାରୱା, କରାୱାଲ ନଗରରୁ କପିଲ ମିଶ୍ର, ରାଜୌରୀ ଗାର୍ଡେନ୍‌ରୁ ମଞ୍ଜିନ୍ଦର ସିଂହ ଶିର୍ଷା, ଗାନ୍ଧି ନଗରରୁ ଅରବିନ୍ଦର ସିଂହ ଲଭଲି, ଗ୍ରେଟର କୈଳାସର ଶିଖା ରଏ, ମୋତୀ ନଗରରୁ ହରିଶ ଖୁରାନା, ବିଜ୍ୱାସନ୍‌ରୁ କୈଳାଶ ଗେହେଲଟ ପ୍ରମୁଖ ବିଜୟ ଲାଭ କରିଛନ୍ତି । ବିଜେପି ପ୍ରାର୍ଥୀ କର୍ଣ୍ଣେଲ ସିଂହ ଶାକୁର ବସ୍ତି ଆସନରୁ ବିଜୟ ଲାଭ କରିଥିବା ବେଳେ ନିଜର ବାସୋୟା କସ୍ତୁରବା ନଗରରୁ ଜିତିଛନ୍ତି ।

ସେହିପରି ଆମ୍ ଆଦମୀ ପାର୍ଟିର କାଲକାଜି ଆସନରୁ ଆତିସୀ, ସୋମ ଦତ୍ତ ସଦରବଜାର ଆସନରୁ, ଗୋପାଳ ରାୟ ବାବରପୁରରୁ, ବୀରେନ୍ଦ୍ର ସିଂହ କଡ଼ିଆନ ଦିଲ୍ଲୀ କ୍ୟାଣ୍ଟନମେଣ୍ଟରୁ, କୁଲଦୀପ କୁମାର କଣ୍ଡଲିରୁ, ଜର୍ନେଲ ସିଂହ ତିଲକ ନଗରରୁ, ଇମ୍ରାନ୍ ହୋସେନ ବଲିମାରନରୁ, ସହିରାମ ତୁବଲକାବାଦରୁ ମୁକେଶ କୁମାର ଅହଲାବଟ ସୁଲତାନପୁର ମଜରା ବିଧାନସଭା ଆସନରୁ, ଅନୀଲ ଝା କିରାରିରୁ, ଚୌଧୁରୀ ଜୁବେର ଅହମ୍ମଦ ସୀଲମପୁରରୁ ଏବଂ ପୁନରଦୀପ ସିଂହ ସାଓ୍ୱନୀ ଚାନ୍ଦିନୀଚୌକ ଆସନରୁ ବିଜୟ ଲାଭ କରିଛନ୍ତି ।

କିଛି ପରିଚିତ ପ୍ରାର୍ଥୀ ଯେଉଁମାନେ ପରାଜୟ ହାସଲ କରିଛନ୍ତି, ସେମାନେ ହେଲେ ଆପ୍‌ର ବରିଷ୍ଠ ନେତା ଅରବିନ୍ଦ କେଜରିଓ୍ୱାଲ, ମନିଶ ସିସୋଦିଆ, ସୌରଭ ଭରଦ୍ୱାଜ, ଦୁର୍ଗେଶ ପାଠକ, ଅବଧ ଓଝା ଏବଂ ଜିତେନ୍ଦ୍ର ସିଂହ ସୁଣ୍ଟି । ସେହିପରି କଂଗ୍ରେସର ସନ୍ଦୀପ ଦୀକ୍ଷିତ ଏବଂ ବିଜେପିର ରମେଶ ବୁଧୂରି ଓ ରାଜକୁମାର ଆନନ୍ଦ ମଧ୍ୟ ନିର୍ବାଚନରେ ପରାଜୟବରଣ କରିଛନ୍ତି ।

ସେହିପରି ଉତ୍ତର ପ୍ରଦେଶରେ ଅନୁଷ୍ଠିତ ହୋଇଥିବା ଉପ-ନିର୍ବାଚନ ଫଳାଫଳ ମଧ୍ୟ ଆମର ହସ୍ତଗତ ହୋଇଛି । ବିଜେପି ପ୍ରାର୍ଥୀ ଚନ୍ଦ୍ରଭାନୁ ପାଶଓ୍ୱାନ ମିଲ୍‌କିପୁର ବିଧାନସଭା ଆସନରେ ସମାଜବାଦୀ ପାର୍ଟିର ଅଜିତ ପ୍ରସାଦଙ୍କୁ ୬୧ ହଜାର ୭୦୦ ଭୋଟରେ ପରାସ୍ତ କରିଛନ୍ତି ।

ତାମିଲନାଡୁର ପୂର୍ବ ଇରୋଡ୍ ବିଧାନସଭା ଉପ-ନିର୍ବାଚନର ଗଣତି ଜାରି ରହିଛି । ଡି.ଏମ୍.କେ.ର ପ୍ରାର୍ଥୀ ଚନ୍ଦିରା କୁମାର ଭି.ସି. ଏହି ଆସନରେ ଆଗୁଆ ରହିଛନ୍ତି ।

ଏଇମାତ୍ର ମିଳିଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ତ୍ତମାନ ଦିଲ୍ଲୀର ଦଳୀୟ କାର୍ଯ୍ୟାଳୟରେ ବିପୁଳ ବିଜୟ ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବୋଧନ କରୁଛନ୍ତି ।

## ନାଗାଲାଣ୍ଡ ସିଏମ୍-ବିଜେପି ଭିକ୍ଟ୍ରି

ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ଜିତିଥିବାରୁ ନାଗାଲାଣ୍ଡର ମୁଖ୍ୟମନ୍ତ୍ରୀ ନେଫିୟୁ ରିଓ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରିଓ କହିଛନ୍ତି, ଏହି ବିଜୟ  ଦୂରଦୃଷ୍ଟି ସମ୍ପନ୍ନ ଦଳୀୟ ନେତୃତ୍ୱ ଉପରେ ଲୋକମାନଙ୍କର ବିଶ୍ୱାସକୁ ପ୍ରତିଫଳିତ କରୁଛି । ଏହି ଅବସରରେ ଶ୍ରୀ ରିଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ସଭାପତି ଜେ.ପି. ନଡ୍ଡାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଏବଂ ଦଳର ସଭାପତିଙ୍କ ନେତୃତ୍ୱରେ ଦଳ ଏକ ନୂତନ ଶିଖରରେ ପହଞ୍ଚିବ ବୋଲି ସେ କହିଛନ୍ତି ।

# ଅତିସୀ ଦିଲ୍ଲୀ ଇଲେକସନ୍

ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତ୍ରୀ ଅତିସୀ ତାଙ୍କୁ ବିପୁଳ ଜନାଦେଶ ମିଳିଥିବାରୁ କାଲକାଜୀ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜୟ ଲାଭ କରିବା ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ତାଙ୍କ ଦଳ ଲୋକଙ୍କ ଜନାଦେଶକୁ ଗ୍ରହଣ କରିଛି । ନିର୍ବାଚନରେ ପ୍ରଚାର ପାଇଁ ସେ ଦଳୀୟ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଫ୍ରାନ୍ସ-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାରଠାରୁ ଫ୍ରାନ୍ସ ଏବଂ ଆମେରିକା ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ପ୍ୟାରିସ୍‌ଠାରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ କୃତ୍ରିମ ବୁଦ୍ଧିମତା ସମ୍ମିଳନୀରେ ସହ ଅଧ୍ୟକ୍ଷତା କରିବେ । କୃତ୍ରିମ ବୁଦ୍ଧିମତା ଉପଯୋଗ ଏବଂ ବିଶ୍ୱ ନିୟାମକ ଢ଼ାଞ୍ଚା ଉପରେ ଏହି ସମ୍ମିଳନୀରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ପ୍ରତିରକ୍ଷା ସହଯୋଗ ଏବଂ ଅର୍ଥନୈତିକ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ

ମାର୍ସେଲୀ ଗସ୍ତରେ ଯାଇ ପ୍ରଥମ ବିଶ୍ୱଯୁଦ୍ଧରେ ଲଢ଼ିଥିବା ମଜାରଗସ୍ ଯୁଦ୍ଧ କବରସ୍ଥାନରେ ଭାରତୀୟ ସୈନିକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଏହି ଅବସରରେ ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ନୂତନ ଭାରତୀୟ ଦୂତାବାସ ଭବନର ମଧ୍ୟ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ ଫ୍ରାନ୍ସରୁ ଆମେରିକା ଗସ୍ତରେ ଯିବେ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ଶପଥ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ହେବ ପ୍ରଥମ ଆମେରିକା ଗସ୍ତ । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୀଯାୟୀ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା ସହଯୋଗ ଏବଂ ପ୍ରବାସୀ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇପାରେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହି ଗସ୍ତ ଭାରତର ସ୍ୱାଧୀନ ବୈଦେଶିକ ନୀତିକୁ ଅଧିକ ସୁଦୃଢ଼ କରିବା ସହିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରାଷ୍ଟ୍ର ସହ ସମ୍ପର୍କକୁ ଅଧିକ ମଜବୁତ କରିବ । ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଏବଂ ରଣନୈତିକ ବ୍ୟାପାରରେ ବିଶ୍ୱ ସ୍ତରରେ ଭାରତ ନିଜର ସ୍ଥିତିକୁ ଅଧିକ ସୁଦୃଢ଼ କରିବାର ଆଶା କରାଯାଉଛି ।

## ୟୁଏସ୍-ଅନ୍ ଏମ୍ପ୍ଲଏମେଣ୍ଟ ରେଟ୍

ଶ୍ରମ ବିଭାଗ ଅଧୀନରେ ଥିବା ଯୁକ୍ତରାଷ୍ଟ୍ର ଆମେରିକାରୁ ଶ୍ରମ ପରିସଂଖ୍ୟାନ ବ୍ୟୁରୋ ବି.ଏଲ୍.ଏସ୍.ର ସୂଚନା ଅନୁଯାୟୀ  ଗତ ଜାନୁଆରୀ ମାସରେ ବେକାରୀ ହାର ୪ ପ୍ରତିଶତକୁ ହ୍ରାସ ପାଇଛି । ୨୦୨୪ ମେ ମାସ ପରଠାରୁ ଏହା ସର୍ବନିମ୍ନ ହାର । ବିଶେଷ କରି ଖଣି, ଖଣି ଖନନ, ତୈଳ ଏବଂ ଗ୍ୟାସ୍ ଉତ୍ତୋଳନ ଶିଳ୍ପରେ ବେକାରୀ ହ୍ରାସ ପରିଲକ୍ଷିତ ହୋଇଛି । ତେବେ ସ୍ୱାସ୍ଥ୍ୟସେବା, ଖୁଚୁରା ବ୍ୟବସାୟ ଏବଂ ସାମାଜିକ ସହାୟତା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଲାଭାନ୍ୱିତ ହୋଇଛି । ଦେଶରେ ୫୫ ଲକ୍ଷ ଲୋକ ବର୍ତ୍ତମାନ ଶ୍ରମ ଶକ୍ତିରେ ନାହାନ୍ତି ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି । ଗତମାସରେ ମୋଟ୍ ଅଣକୃଷି ବେତନଯୁକ୍ତ ନିଯୁକ୍ତି ୧ ଲକ୍ଷ ୪୩ହଜାରକୁ ବୃଦ୍ଧି ପାଇଛି ।

## ଡିଫେନ୍ସ-କଣ୍ଟ୍ରାକ୍ଟ

ଦେଶରେ ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଆଜି ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ସହ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି । ଏହି ଚୁକ୍ତିନାମା ଅନୁସାରେ ୨୮ଟି ନୂତନ ପିଢ଼ିର ଉଚ୍ଚ କ୍ଷମତା ସମ୍ପନ୍ନ ଇଓଏନ୍-୫୧ ଇଲେକ୍ଟ୍ରୋ ଅପ୍ଟିକାଲ୍ ଅଗ୍ନି ନିୟନ୍ତ୍ରକ ଉପକରଣ କ୍ରୟ କରାଯିବ । ଯାହାର ମୂଲ୍ୟ ୬୪୨ କୋଟି

ଟଙ୍କାରୁ ଊର୍ଦ୍ଧ୍ୱ ରହିଛି । ଏହି ଅଗ୍ନି ନିୟନ୍ତ୍ରକ ଉପକରଣ ଭାରତୀୟ ଶିଳ୍ପ ସଂସ୍ଥା ଗୁଡ଼ିକରେ ଉପଯୋଗ କରାଯିବା ସହ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଗୁଡ଼ିକରେ ଲଗାଯାଇ ପାରିବ ।

# ନିଟ୍

ଦେଶରେ ମେଡିକାଲ୍ ପ୍ରବେଶିକା ପରୀକ୍ଷା ନିଟ୍ ୟୁଜି ଆସନ୍ତା ମେ ୪ ତାରିଖରେ ଅନୁଷ୍ଠିତ ହେବ ବୋଲି ଏନ୍.ଟି.ଏ. ପକ୍ଷରୁ ଘୋଷଣା କରାଯାଇଛି । ଏଥିପାଇଁ ଆବେଦନ ପ୍ରକ୍ରିୟା ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ମାସ ୭ ତାରିଖରେ ଶେଷ ହେବ । ପରୀକ୍ଷାର୍ଥୀଙ୍କ ସଂଖ୍ୟା ଦୃଷ୍ଟିରୁ ଏହା ଦେଶର ସର୍ବବୃହତ ପ୍ରବେଶିକା ପରୀକ୍ଷା ଭାବେ ବିବେଚନା କରାଯାଏ । ଗତବର୍ଷ ୨୦୨୪ରେ ରେକର୍ଡ୍ ସଂଖ୍ୟକ ୨୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ସାମିଲ ହୋଇଥିଲେ । ଡାକ୍ତରୀ ପାଠ୍ୟକ୍ରମ ପାଇଁ ମୋଟ୍ ୧ ଲକ୍ଷ ୮ହଜାର ଆସନ ଉପଲବ୍ଧ ରହିଛି । ସେଥିମଧ୍ୟରୁ ପ୍ରାୟ ୫୬ ହଜାର ସରକାରୀ ଓ ୫୨ ହଜାର ଘରୋଇ କଲେଜ୍‌ରେ ଏହି ବ୍ୟବସ୍ଥା ରହିଛି ।

## ଇସ୍ରାଏଲ ହଷ୍ଟେଜେସ୍

ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ଗାଜାରୁ ଆଜି ଇସ୍ରାଏଲର ୩ଜଣ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଛି । ମଧ୍ୟସ୍ଥତାକାରୀ ଦେଶମାନଙ୍କ ଜରିଆରେ ଇସ୍ରାଏଲ ସେମାନଙ୍କ ସମ୍ପର୍କରେ ସୂଚନା ପାଇବା ପରେ ସରକାରୀ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଏହା ବଦଳରେ ଇସ୍ରାଏଲ ୧୨ ଜଣ ପାଲେଷ୍ଟାଇନ୍ କଏଦୀଙ୍କୁ ମୁକ୍ତ କରିଛି ବୋଲି ଜଣାପଡ଼ିଛି । ୨୦୨୩ ଅକ୍ଟୋବର ୭ ତାରିଖରେ ଦକ୍ଷିଣ ଇସ୍ରାଏଲ ଉପରେ ହମାସ୍ ନେତୃତ୍ୱାଧୀନ ଆକ୍ରମଣ ପରିପ୍ରେକ୍ଷୀରେ ଇସ୍ରାଏଲରୁ ଏହି ବନ୍ଧକ ମାନଙ୍କୁ ଅପହରଣ କରାଯାଇଥିଲା ।

## ନ୍ୟାସନାଲ୍ ଗେମ୍ସ

ଡେରାଡୁନ୍ ଠାରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ପୁରୁଷ ବର୍ଗର ଦୌଡ଼ ପ୍ରତିଯୋଗିତାରେ ହିମାଚଳ ପ୍ରଦେଶର ସାୱନ ବରୱାଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ମହାରାଷ୍ଟ୍ରର କୀରନ ମାତ୍ରେ ରୌପ୍ୟ ପଦକ ଜିତିଥିବା ବେଳେ ମଧ୍ୟପ୍ରଦେଶର ବିନୋଦ ସିଂହ ବ୍ରୋଞ୍ଜ ପଦକ ପାଇଛନ୍ତି ।

ଅପରପକ୍ଷରେ ମହିଳା ବର୍ଗ ଦୌଡ଼ ପ୍ରତିଯୋଗିତାରେ ମହାରାଷ୍ଟ୍ରର ସଂଜୀବନୀ ଯାଦବ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ତେବେ ଉତ୍ତରାଖଣ୍ଡ ଏହି ପ୍ରତିଯୋଗିତାରେ ଉଭୟ ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରିଛି । ଚମ୍ପାୱତ ସ୍ଥିତ ମହାକାଳୀ ନଦୀରେ ରିଭର ର୍‍ୟାଫ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏ ପର୍ଯ୍ୟନ୍ତ ପଦକ ତାଲିକାର ଶୀର୍ଷରେ ଆୟୋଜକ ଉତ୍ତରାଖଣ୍ଡ ୩୯ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କର୍ଣ୍ଣାଟକ ଦ୍ୱିତୀୟ ସ୍ଥାନରେ ରହି ୩୦ଟି ସ୍ୱର୍ଣ୍ଣ ପଦକ ପାଇଛି ।

## ବାରବାଟୀ ମ୍ୟାଚ୍

କଟକର ବାରବାଟୀ ଷ୍ଟାଡିୟମଠାରେ ଆସନ୍ତାକାଲି ଭାରତ-ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ଅପରାହ୍ଣ ଗୋଟାଏ ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ତିନିଟିକିଆ ସିରିଜ୍‌ରେ ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ଏପର୍ଯ୍ୟନ୍ତ ୧-୦ରେ ଆଗୁଆ ରହିଛି । ଉଭୟ ଦଳର ଖେଳାଳି ଗତସଂଧ୍ୟାରେ ଭୁବନେଶ୍ୱରଠାରେ ଆସି ପହଞ୍ଚିଛନ୍ତି । ଆଜି କେବଳ ଭାରତୀୟ ଦଳର ଖେଳାଳି ଅପରାହ୍ଣରେ ବାରବାଟୀ ଷ୍ଟାଡିୟମରେ ଆସି ଅଭ୍ୟାସ କରିଛନ୍ତି । ଅଭ୍ୟାସ ଲାଗି ୬ଟି ପିଚ୍ ପ୍ରସ୍ତୁତ କରାଯାଇଛି । ମ୍ୟାଚ୍‌କୁ ଶାନ୍ତିଶୃଙ୍ଖଳାର

ସହ ସମ୍ପନ୍ନ କରିବା ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ୟୁକେ ରୟାଲ ନେଭି ସାରି

ବ୍ରିଟେନ୍ ସରକାର ଦେଶର ନୌସେନାରେ କାର୍ଯ୍ୟରତ ମହିଳା ଅଧିକାରୀମାନଙ୍କର ଡ୍ରେସ୍‌କୋଡ୍ ନିୟମରେ ପରିବର୍ତ୍ତନ କରିଛନ୍ତି । ଯେକୌଣସି ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଏହି ମହିଳା ଅଧିକାରୀମାନେ ଶାଢ଼ି ପରିଧାନ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁମତି ମିଳିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେଠାକାର ନୌସେନାର ଅଧ୍ୟକ୍ଷ ଲାନ୍ସ କର୍ପୋରାଲ୍ ଜାକ୍ କନାନି କହିଛନ୍ତି, ବିଶେଷ କରି ସାଂସ୍କୃତିକ ଐତିହ୍ୟ କାର୍ଯ୍ୟକ୍ରମ ଗୁଡ଼ିକ ଅନୁଷ୍ଠିତ ହେବା ସମୟରେ ଏହି ମହିଳା ଅଧିକାରୀମାନେ ଶାଢ଼ୀ ପରିଧାନ କରି ପାରିବେ ବୋଲି ବିଭିନ୍ନ ସ୍ତରରୁ ମତାମତ ନେବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ।